ଶନିବାର, ୨୫ ଜାନୁଆରୀ, ୨୦୨୫

# ପିଲାଙ୍କ ଧରିତ୍ରୀ



## ଖିଲି ଖିଲି ହସ

*(ରାଜୁ ଓ ବିଜୁ ମଧ୍ୟରେ କଥାବାର୍ତ୍ତା)
ରାଜୁ–କହିଲୁ ବିଜୁ, ବିଜୁଳି ପ୍ରଥମେ ଦେଖାଯାଏ, ହେଲେ ଘଡ଼ଘଡ଼ି ପଛରେ ଶୁଣାଯାଏ କାହିଁକି ?
ବିଜୁ: କାହିଁକି ନା ଆଖି ଆମର ସାମ୍ନାରେ ଥାଏ ଏବଂ କାନ ପଛରେ ସେଥିପାଇଁ!

* ଜଣେ ମହିଳା ବ୍ୟାଙ୍କ ଯାଇ କହିଲେ ମୋର ଜଏଣ୍ଟ ଆକାଉଣ୍ଟ ଖୋଲିବାର ଅଛି। ବ୍ୟାଙ୍କ କର୍ମଚାରୀ– ଆପଣଙ୍କ ସ୍ୱାମୀଙ୍କ ସହ ଖୋଲିବେ ତ ?
ମହିଳା– ନା, ଯାହା ଆକାଉଣ୍ଟରେ ଅଧିକ ଟଙ୍କା ଅଛି ତା' ସହ ଖୋଲିବି।

* ରାଜୁ: ଭୋଲା, କହିଲୁ ଏମିତି ଏକ ସିଟି(ସହର), ଯେଉଁଠି କେହି ରୁହନ୍ତିନି ?
ଭୋଲା– ମୁଁ ଜାଣିନି ? ତୁ କହିଦେ।
ରାଜୁ: ଆରେ, ଇଲେକ୍ଟ୍ରିସିଟି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ବଡ଼ କିଏ




ଥରେ ମହାକାଳ ଫଳ ଆଉ ପଣସ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହେଲା। ମହାକାଳ ଫଳ ପଣସକୁ ଦେଖାଇ କହିଲା, ''ଦେଖିଲୁ ମୁଁ କେଡ଼େ ସୁନ୍ଦର। ଯିଏ ଦେଖୁଛି ସିଏ ଭଲ ନ କହି ରହିପାରିବନି। ହେଲେ ତୋ' ଚେହେରା କେବେ ଦେଖିଛୁ। ଦେହସାରା ଆବଡାଖାବଡା ତ ପୁଣି କଣ୍ଟାମୟ। ଲୋକେ ତତେ କେତେ ହତାଦର କରୁଥିବେ ଭାବିଲୁ।''

ମହାକାଳ ଫଳର ଏପରି କଥା ଶୁଣି ପଣସ କହିଲା, ''ଆରେ ଭାଇ ଭଗବାନ ଯାହାକୁ ଯେମିତି କରିଛନ୍ତି ସେଥିରେ ଆମେ କ'ଣ କରିପାରିବା। ଖାଲି ତ ଦେଖିବାକୁ ସୁନ୍ଦର ହେଲେ ହେବନାହିଁ ଗୁଣ ବି ସୁନ୍ଦର ହେବା ଦରକାର। ଯଦି ତୁମ ଭଳି ଉପର ଦେଖିବାକୁ ସୁନ୍ଦର ଥାଇ ବି କାହାର କାମରେ ନ ଆସିବ ସେଥିରେ କି ଲାଭ। ମୋର ସିନା ଉପର ଅସୁନ୍ଦର, ହେଲେ ମୋତେ କେତେ ପ୍ରାଣୀ ଖାଦ୍ୟ ରୂପେ ବ୍ୟବହାର କରୁଛନ୍ତି। ଭଗବାନଙ୍କ ପାଖରେ ବି ଭୋଗ ଲାଗିହେଉଛି। ତୁମକୁ କିଏ ବ୍ୟବହାର କରୁଛି କହିଲ। ବାସ୍, ତୁମେ ସେମିତି ସେଇଠି ରହିଛ ପୁଣି ତଳେ ପଡି ମାଟିରେ ମିଶୁଛ।''

ମହାକାଳ ଫଳ ବି ନଛୋଡ଼ବନ୍ଦା। ସେ ମୁହେଁ ମୁହେଁ ଶୁଣାଇ ଦେଲା ମନକୁ ବୁଝାଇବା ଲାଗି ତୁ ଏପରି କହୁଛୁ। କିଏ ଏଠି ବଡ ଆଉ କିଏ ସାନ ଅନ୍ୟମାନଙ୍କୁ ପଚାରି ବୁଝିବା। ପ୍ରକୃତ ସତ୍ୟ ସେମାନେ କହିବେ।

ମହାକାଳ ଫଳ ଆଉ ପଣସ କିଛି ବାଟ ଯିବା ପରେ ଆମ୍ବ ସହ ଦେଖାହେଲା। ତାକୁ ଦେଖି ମହାକାଳ ଫଳ କହିଲା, 'ଭାଇ ଏ ଦୁନିଆରେ ସବୁଠାରୁ ବଡ କିଏ କହିଲ, ଯାହାର ଗୁଣ ନା ଯାହାର ରୂପ ସୁନ୍ଦର।'

ଆମ୍ବ ଟିକେ ହସିଦେଇ କହିଲା, 'ଭାଇ ଆଜି ନୁହେଁ ଯୁଗେ ଯୁଗେ ଗୁଣ ବଡ ଆଉ ସୁନ୍ଦର ବି। ସାରା ଜଗତ ଗୁଣକୁ ଭଲ ପାଏ। କାରଣ ରୂପ କିଛି ନିର୍ଦ୍ଦିଷ୍ଟ ସମୟ ପରେ ବଦଳିଯାଏ। କିନ୍ତୁ ଗୁଣ ସର୍ବଦା ଜୀବିତ ଆଉ ପୂଜା ମଧ୍ୟ ପାଇଥାଏ। ବାଇଡଙ୍କ ଫଳକୁ ଦୂରରୁ ଦେଖିଲେ କେତେ ସୁନ୍ଦର ଦେଖାଯାଏ କିନ୍ତୁ ଥରେ ଦେହରେ ଲାଗିଲେ କେତେ ଭୟଙ୍କର ହୋଇପାରେ ସମସ୍ତେ ଜାଣିଛନ୍ତି।

ଆମ୍ବ କଥା ଶୁଣି ମହାକାଳ ଫଳ ମନେ ମନେ ଭାବିଲା ନିଜକୁ କ'ଣ ବୋଲି ଭାବୁଛି କି ? ଫଳମାନଙ୍କର ରାଜା ବୋଲି କ'ଣ ଏତେ ଗର୍ବ ? ଅନ୍ୟ ଦିଗରୁ ବିଲୁଆଟେ ଆସିବାର ଦେଖି ତାକୁ ଅଟକାଇ ପଚାରିଲା ବିଲୁଆ ଭାଇ କହିଲୁ, ଦୁନିଆରେ ରୂପ ବଡ଼ ନା ଗୁଣ ବଡ଼ ।

ବିଲୁଆ ଟିକେ ତେରେଛା ନଜର ପକାଇ କହିଲା, ତୁମ ପାଖରୁ ଏ ପ୍ରଶ୍ନ ପାଇବାଟା ସ୍ୱାଭାବିକ। ନିଜକୁ କ'ଣ କିଏ ଖରାପ ବୋଲି ଭାବିପାରେ ଯେ ତୁମେ ଭାବିବ। ଆଚ୍ଛା କହିଲୁ ଆମ ସିଂହ ରାଜା ଖରାପ ନା ଭଲ।

ବିଲୁଆ କଥା ଶୁଣି ମହାକାଳ ଫଳ କହିଲା, ''ହେ ଭାଇ ତା' କଥା କୁହନି। ଏପରି ରାଜା ମୁଁ ଜୀବନ କାଳରେ ଦେଖିନାହିଁ। ତା' ପାଇଁ ତ ଏବେ ଆମ ବଣରେ ସମସ୍ତେ ଚିନ୍ତାରେ ପଡିଯାଇଛନ୍ତି। କେହି ଘରୁ ବାହାରିଲେ ଡରି ଡରି ବାହାରୁଛି, କାଳେ ରାଜା ଲୁଚିକି ଥିବେ ସଙ୍ଗେ ସଙ୍ଗେ ଆକ୍ରମଣ କରିବେ।''

ବିଲୁଆ ଟିକେ ଅଟକାଇ କହିଲା, 'ସେ ଦେଖିବାକୁ କିପରି ସୁନ୍ଦର ନା ଅସୁନ୍ଦର। 'ମହାକାଳ ଫଳ ଟିକେ ଅଟକି ଯାଇ କହିଲା, 'ସେ ତ ଦେଖିବାକୁ ବହୁତ ସୁନ୍ଦର।' ଏବେ ସେ ଠିକ୍ ବୁଝି ସାରିଥିଲା ପ୍ରକୃତ କିଏ ବଡ଼ ?

ବିଲୁଆର ପ୍ରଶ୍ନରେ ତା' ଆଖି ଖୋଲିଯାଇଥିଲା। ସେ ନିଜର ଭୁଲ୍ ବୁଝିପାରି ଜାଣିପାରିଲା ଯେ, 'ପ୍ରକୃତ ଗୁଣ ହିଁ ବଡ଼। ରାଜା ଏତେ ସୁନ୍ଦର ହୋଇ ବି ଗୁଣ ଖରାପ ହେତୁ ବଣରେ ଥିବା ସମସ୍ତ ପ୍ରାଣୀ ଘୃଣା କରୁଛନ୍ତି। ପଣସ ପାଖରେ ନିଜର ଭୁଲ୍ ସ୍ୱୀକାର କରି କହିଲା, ଭାଇ ମୁଁ ଜାଣିପାରିଲି ଏ ଦୁନିଆରେ ଗୁଣ ହିଁ ବଡ଼। ଗୁଣ ହିଁ ଚିରସ୍ଥାୟୀ।

– **ଅର୍ଜୁନ ଦାସ,** ମାଧବ, ନିଆଳି, କଟକ
ମୋ: ୭୭୩୫୯୫୭୧୫୧

# ସ୍ନାନ କରନ୍ତିନି ଏମାନେ



**କୌ**ଣସି ଧର୍ମ କାର୍ଯ୍ୟ କରିବା ପୂର୍ବରୁ ପ୍ରଥମେ ସ୍ନାନ କରିବାକୁ ହୁଏ ବୋଲି ସମସ୍ତେ ଜାଣନ୍ତି। ହେଲେ ଏଭଳି ଏକ ବିଶେଷ ସମ୍ପ୍ରଦାୟର ସାଧୁ ଅଛନ୍ତି ଯେଉଁମାନେ ଆଦୌ ସ୍ନାନ କରନ୍ତି ନାହିଁ। ସ୍ନାନ ନ କରି ମଧ ସେମାନେ ପବିତ୍ର ଓ ସମସ୍ତ ଧର୍ମ କାର୍ଯ୍ୟ କରିଥାନ୍ତି। ଏଭଳି ବିଶେଷ ଧରଣର ନିୟମ ପାଳନ କରନ୍ତି ଜୈନ ସାଧୁ। ଦୀକ୍ଷା ଗ୍ରହଣ କରିବା ପରେ ଏହି ସାଧୁମାନେ ଆଦୌ ସ୍ନାନ କରନ୍ତି ନାହିଁ।

ସ୍ନାନ କରିବା ଫଳରେ ବିଭିନ୍ନ ପ୍ରକାରର ସୁକ୍ଷ୍ମ ଜୀବଙ୍କ ଜୀବନ ଚାଲିଯିବ ଭାବି ଏମାନେ ଆଦୌ ସ୍ନାନ କରନ୍ତି ନାହିଁ। ଏଥିପାଇଁ ସେମାନେ ମୁହଁରେ ଏକ କପଡା ମଧ ବାନ୍ଧନ୍ତି। ଜୈନ ସାଧୁଙ୍କ ଅନୁସାରେ ମନ ବିଚାରର ଶୁଦ୍ଧତା ଫଳରେ ଅନ୍ତରର ସ୍ନାନ ହୋଇଥାଏ, ତେଣୁ ଶରୀର ବାହାରର ସ୍ନାନର ଆବଶ୍ୟକତା ନ ଥାଏ। ସେମାନଙ୍କ ପାଇଁ ସ୍ନାନର ଅର୍ଥ ଭାବର ଶୁଦ୍ଧି। ତେବେ ନିହାତି ଆବଶ୍ୟକ ହେଲେ ସେମାନେ ଏକ ପତଳା କପଡାକୁ ଧୋଇ ସେଥିରେ ଶରୀରକୁ ପୋଛି ଦେଇଥାନ୍ତି। ଏମାନଙ୍କ ମଧ୍ୟରେ ଦୁଇ ପ୍ରକାରର ସାଧୁ ଅଛନ୍ତି– ଶ୍ୱେତାମ୍ବର ଓ ଦିଗମ୍ବର। ଦୀକ୍ଷା ଗ୍ରହଣ ପରେ ଏମାନେ ସମସ୍ତ ପ୍ରକାରର ଭୌତିକ ସୁଖ ସୁବିଧାକୁ ତ୍ୟାଗ କରିଥାନ୍ତି। ଦିଗମ୍ବର ସାଧୁ ବସ୍ତ୍ର ମଧ ଧାରଣ କରନ୍ତି ନାହିଁ। ଶ୍ୱେତାମ୍ବର ସାଧୁ ନିଜ ପାଖରେ ଅତି ଜରୁରୀ ୧୪ ପ୍ରକାର ଜିନିଷକୁ ପାଖରେ ରଖିବାର ନିୟମ ରହିଥାଏ, ଯେଉଁଥିରେ ଏକ ପତଳା କମ୍ବଳ ଥାଏ ଯାହାକୁ ସେମାନେ କେବଳ ଶୋଇବା ସମୟରେ ବ୍ୟବହାର କରିଥାନ୍ତି। ସବୁ ଋତୁରେ ଏମାନେ ଭୂମି ଉପରେ ଶୁଅନ୍ତି। ଶୁଖିଲା ଘାସ କିମ୍ବା ପତ୍ର ଅବା କାଠରେ ତିଆରି ବିଛଣା ଉପରେ ଏମାନେ ଶୁଅନ୍ତି।

## ମତାମତ

- ଜଣା ଅଜଣାରେ 'ଦାମୀ ଦ୍ୱୀପ' ଏବଂ 'ରୁମ୍ ହିଟର ବ୍ୟବହାର କରୁଥିଲେ' ପରି କେତୋଟି ବିଷୟରେ ତଥ୍ୟ ମିଳିପାରୁଛି।
  – **ରୋହନ ସାହୁ, ବାଲେଶ୍ୱର**
- ଏଥର ପ୍ରକାଶିତ କବିତାଗୁଡ଼ିକ ମନଛୁଆଁ ହୋଇପାରିଛି।
  – **ପୀତାମ୍ବର ରାଉତ, ବୋରିଗୁମ୍ମା, ଜୟପୁର**
- ଟ୍ୟୁଶନ ବିନା ପାଠପଢ଼ା ପିଲାଙ୍କ ଲାଗି ଉପାଦେୟ ହୋଇପାରିଛି।
  – **ତୋଫାନ ଦାସ, ଜୟଦେବ ବିହାର, ଭୁବନେଶ୍ୱର**

## ରଙ୍ଗ ଦିଅ



## କିପରି ପାଳିବେ

# ସାଧାରଣତନ୍ତ୍ର ଦିବସ



**ଆସନ୍ତାକାଲି ଆମ ଦେଶ ପାଳନ କରିବାକୁ ଯାଉଛି ୭୬ତମ ସାଧାରଣତନ୍ତ୍ର ଦିବସ । ପ୍ରତିବର୍ଷ ଜାନୁଆରୀ ୨୬ରେ ଏହି ଦିବସକୁ ବେଶ୍ ଆନନ୍ଦର ସହ ପାଳନ କରାଯାଏ । ଏହାର ମୁଖ୍ୟ ଉତ୍ସବ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥାଏ । ତା'ସହ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଉକ୍ତ ଦିବସରେ ପତାକା ଉତ୍ତୋଳନ କରାଯାଇଥାଏ। ଏଥର ସାଧାରଣତନ୍ତ୍ର ଦିବସକୁ କେତେଜଣ ଛାତ୍ରୀଛାତ୍ର କିପରି ପାଳନ କରିବାକୁ ସ୍ଥିର କରିଛନ୍ତି ସେ ସମ୍ପର୍କରେ ସେମାନେ ଯାହା କହନ୍ତି...**

### ଏହି ଦିବସକୁ ମନଭରି ଉପଭୋଗ କରିବି



ପ୍ରତିବର୍ଷ ଆମେ ପାଳନ କରୁଥିବା ଜାତୀୟ ଉତ୍ସବ ମଧ୍ୟରେ ସାଧାରଣତନ୍ତ୍ର ଦିବସ ଅନ୍ୟତମ । ଏହି ଦିନକୁ ମୁଁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଥାଏ । ପ୍ରତିବର୍ଷ ଏହି ଦିନ ଆମ ସ୍କୁଲରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ । ତା'ସହ ପରେଡ ଏବଂ ବକ୍ତୃତା ପ୍ରତିଯୋଗିତା ହୋଇଥାଏ । ଏଥର ଉଭୟ ପରେଡ୍ ଏବଂ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛି । ଏହି ଦିନ ଆମ ସମ୍ବିଧାନ ପ୍ରଣୟନ କରାଯାଇଥିଲା । ତେଣୁ ଆମ ଦେଶର ସମ୍ବିଧାନ ଉପରେ ଏକ ସୁନ୍ଦର ବିଷୟ ପ୍ରସ୍ତୁତ କରିଛି । ଏଥିରେ ଭାରତର ସମ୍ବିଧାନ ବିଷୟରେ ଅନେକ ତଥ୍ୟ ରହିଛି । ତା'ସହ ଏଥର ଆମ ସ୍କୁଲରେ ସାଧାରଣତନ୍ତ୍ର ଦିବସକୁ ନେଇ ଏକ ନାଟକ ମଞ୍ଚସ୍ଥ ହେବାର ଯୋଜନା ରହିଛି । ପ୍ରତିବର୍ଷ ପରି ଏବର୍ଷ ସାଧାରଣତନ୍ତ୍ର ଦିବସକୁ ମନଭରି ଉପଭୋଗ କରିବି ।

*–**ଶିବ ଶଙ୍କର କଲାର,** କ୍ଲାସ୍–୯, ସରକାରୀ ଉଚ୍ଚ ବିଦ୍ୟାଳୟ, ସିନ୍ଧିଗୁଡା, ନନ୍ଦାହାଣ୍ଡି, ନବରଙ୍ଗପୁର*

### ଏକକ ଅଭିନୟ ପାଇଁ ପ୍ରସ୍ତୁତ ହେଉଛି



ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ମୋ ପାଇଁ ସ୍ମରଣୀୟ ହେବ ବୋଲି ଆଶା ରଖିଛି । ପ୍ରତିବର୍ଷ ଏହି ଦିନ ଆମ ବିଦ୍ୟାଳୟରେ ଆୟୋଜିତ ପରେଡ ଏବଂ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥାଏ । ହେଲେ ଏଥର ନୂଆ କିଛି କରିବାକୁ ଯୋଜନା କରିଛି । ଏବର୍ଷ ଭାବିଛି ଏକକ ଅଭିନୟ କରିବି । ସାଧାରଣତନ୍ତ୍ର ଦିବସର ବିଶେଷତ୍ୱକୁ ନେଇ ଏହି କ୍ଷୁଦ୍ର ନାଟକଟିକୁ ନିଜେ ରଚନା କରିଛି । ଏହାବ୍ୟତୀତ ଆମ ବିଦ୍ୟାଳୟରେ ଏହି ଅବସରରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୁଏ । ସେଥିରେ ବିଜେତାକୁ ପୁରସ୍କାର ଦିଆଯାଏ । ତେଣୁ ମୁଁ ସେ ସୁଯୋଗକୁ ଆଦୌ ହାତଛଡା କରିବି ନାହିଁ ।

*–**ପୂଜା ଦାସ,** କ୍ଲାସ୍–୧୦, ବଳଗଣ୍ଡି ଉଚ୍ଚ ବିଦ୍ୟାଳୟ, ପୁରୀ*

### ଦେଶଭକ୍ତିକୁ ନେଇ ଆଲୋଚନା ହେବ



ଏଥର ସାଧାରଣତନ୍ତ୍ର ଦିବସକୁ ସ୍ପେଶାଲ କରିବାକୁ ମୁଁ ଏବଂ ମୋର କେତେ ଜଣ ସାଙ୍ଗ ଏକ ଯୋଜନା କରିଛୁ । ସ୍କୁଲରେ ପତାକା ଉତ୍ତୋଳନ ଏବଂ ପରେଡ ପରେ ଆମେ ପାଖାପାଖି ୧୦ ଜଣ ସାଙ୍ଗ ମିଶି ଏକ ଆଲୋଚନାଚକ୍ର ଆୟୋଜନ କରିଛୁ । ଦେଶଭକ୍ତି ଉପରେ ଏହି ଆଲୋଚନା ହେବ । ଆମ ଦେଶର ସୁରକ୍ଷା ଏବଂ ପ୍ରତିରକ୍ଷା ବିଷୟ ମଧ୍ୟ ଏଥିରେ ସ୍ଥାନ ପାଇବ । ଏ ନେଇ ମୁଁ ଏବଂ ମୋ ସାଙ୍ଗମାନେ ନିଜ ନିଜ ମତ ରଖିବୁ । ଆଉ ଏହାକୁ ତର୍ଜମା କରିବାକୁ ଆମ ସ୍କୁଲର ଶିକ୍ଷକଙ୍କୁ ଜଜ୍ ସିଟ୍‌ରେ ବସାଇବୁ । ଆଲୋଚନା ପରେ ସେ ସାଧାରଣତନ୍ତ୍ର ଦିବସ ଏବଂ ଦେଶଭକ୍ତି ଉପରେ ନିଜର ମତ ଦେବେ । ଆଶା ରଖିଛି ଏଭଳି ଏକ ଆଲୋଚନା ଆମ ସ୍କୁଲର ପିଲାମାନଙ୍କ ପାଇଁ ବେଶ୍ ଶିକ୍ଷଣୀୟ ହେବ ।

*–**ଆଦ୍ୟାଶାରାଣୀ ସାହୁ,** କ୍ଲାସ.–୮, କେନ୍ଦ୍ରୀୟ ବିଦ୍ୟାଳୟ, କୋରାପୁଟ*

### ଅସହାୟ ଲୋକଙ୍କୁ ସାହାଯ୍ୟ କରିବି



ଏଥର ସାଧାରଣତନ୍ତ୍ର ଦିବସରେ କିଛି ଅସହାୟ ଲୋକଙ୍କୁ ସାହାଯ୍ୟ କରିବାକୁ ଯୋଜନା କରିଛି । ଆମ ଅଞ୍ଚଳରେ ଏକ ବୃଦ୍ଧାଶ୍ରମ ରହିଛି । ସେଠାକୁ ପରିବାର ସହ ଯାଇ ସେଠାକାର ଅନ୍ତେବାସୀମାନଙ୍କୁ ଫଳମୂଳ ଏବଂ କିଛି ବସ୍ତ୍ର ପ୍ରଦାନ କରିବି । ଏଥର ସାଧାରଣତନ୍ତ୍ର ଦିବସ ମୋ ପାଇଁ ଯେପରି ସ୍ମରଣୀୟ ହେବ ସେ ନେଇ ଥରେ ମୋ ବାବାଙ୍କ ସହ ଆଲୋଚନା କରିଥିଲି । ଏହି ଦିନ ବୃଦ୍ଧାଶ୍ରମରେ କିଛି ଦାନ କରିବାକୁ ଚାହୁଁଛି ବୋଲି କହିବା ପରେ ସେ ମୋତେ ପ୍ରଶଂସା ନ କରି ରହିପାରିଲେ ନାହିଁ । ଏହି ଦିନ ଆମ ସ୍କୁଲରେ ପତାକା ଉତ୍ତୋଳନ ହେବ । ଏଥର ସ୍କୁଲ ପରେଡରେ ଅଂଶଗ୍ରହଣ କରିବି । ଏଥର ସାଧାରଣତନ୍ତ୍ର ଦିବସରେ ଆମ ସ୍କୁଲରେ ସାଙ୍ଗମାନେ ଏକ ଭୋଜିର ମଧ୍ୟ ଆୟୋଜନ କରିଛୁ ।


*–**ପୂର୍ଣ୍ଣବ୍ରହ୍ମ ମୁଦୁଲି,** କ୍ଲାସ୍–୬, ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲ, ସତ୍ୟନଗର, ଭୁବନେଶ୍ୱର*









୧



୨



୩



୪


୧୦



୫



୬


୭


୮


୯



୧୧



**ସ୍ମୃତିପ୍ରଜ୍ଞା ପଣ୍ଡା**
କ୍ଲାସ୍- ୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରମୁଣ୍ଡା, ଭୁବନେଶ୍ୱର

୧

**ତନଭି ଦାଶ**
କ୍ଲାସ୍- ୪, ମଦର୍ସ ପବ୍ଲିକ ସ୍କୁଲ, ପାହାଳ, ଭୁବନେଶ୍ୱର



୨



**ଧ୍ୟାରା ଶତପଥୀ**
କ୍ଲାସ୍-୩, ମଦର୍ସ ପବ୍ଲିକ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର

୩

**ସୌରଭ ରଞ୍ଜନ କର**
କ୍ଲାସ୍-୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଲେଜ ସ୍କୋୟାର, କଟକ



୪



**ଦେବାଂଶୀ ଦାଶ**
କ୍ଲାସ୍- ୨, ସେଣ୍ଟ ଯୋଶେଫ କନ୍‌ଭେଣ୍ଟ ସ୍କୁଲ, ରାଉରକେଲା

୫

**ପ୍ରତୀକ ସ୍ୱାଇଁ**
କ୍ଲାସ୍- ୪, ହାପି ଆୱାର୍ସ ସ୍କୁଲ, ଭୁବନେଶ୍ୱର



୬



**ଅମ୍ରିତ ସାହୁ**
କ୍ଲାସ୍-୪, ଚନ୍ଦନ ମଣ୍ଡପ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ, ଇନ୍ଦିପୁର, ଢେଙ୍କାନାଳ

୭

**ମହାଶ୍ୱେତା ସାହୁ**
କ୍ଲାସ୍-୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପଦ୍ମପୁର, ବରଗଡ



୮



**ଶ୍ରେୟମ୍ ବରିହା**
କ୍ଲାସ୍- ୨, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡ଼ା

୯

**ଶ୍ରୀନିଧି ଦେଓ**
କ୍ଲାସ୍- ୨, ବିଜେଇଏମ୍ ୧ ସ୍କୁଲ, ଭୁବନେଶ୍ୱର



୧୦



**ପ୍ରିୟାଂଶୀ ଜେନା**
କ୍ଲାସ୍- ୪, ମୋନାଲିସା ଇଂଲିଶ ମିଡିୟମ୍ ସ୍କୁଲ, ଟିଏଲ୍‌ସି ରୋଡ୍, ଖୋର୍ଦ୍ଧା

୧୧



# କବିତା

## ଶାନ୍ତିର ପ୍ରତୀକ

ସତ୍ୟ, ଅହିଂସା, ଶାନ୍ତିର ପ୍ରତୀକ
ତିରଙ୍ଗା ପତାକା ତୁମେ,
ତୁମ ହସ ମୁଖ ଗଉରବ ଗାଥା
ସବୁରି ମନକୁ କିଣେ ।
ତୁମେ ତେଜିଥିଲ ବହ୍ନିର ଶିଖା
ମାଆର ମୁକତି ପାଇଁ,
କଳ କଉଶଳେ ଆମ ଅଧିକାର
ଆମକୁ ପାରିଲ ଦେଇ।
ଚଳାଇ ପାରୁଛୁ ଆମରି ନଉକା
ଯେତେ ଗଭୀର ବି ହେଉ,
ବିଶ୍ୱ ପ୍ରୀତିରେ ସଦା ଆମେ ବନ୍ଧା
ସଭିଙ୍କୁ ସିନେହ ଦେଉ।
ତୁମେ ବୁହାଇଛ ପ୍ରେମର ଫଲଗୁ
ସାମ୍ୟବାଦର ସ୍ୱର,
ଗଢିଛ ମାଟିରେ ନୂଆ ସମ୍ଭାବନା
ବିକାଶେ ପ୍ରତିଭା ତା'ର।
ଉଡୁଛ ହରଷେ ଫର ଫର ହୋଇ
ଭାରତ ମାଆର କୋଳେ,
ପାହାଡ଼ ଶିଖରେ କଣ୍ଟକିତ ଧାରେ
ଅବା ସଙ୍ଗୀତର ତାଳେ ।

**– ଅନନ୍ତ କୁମାର ସେନାପତି**
ବାଣ୍ଡୁପଡା, ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫

## ତ୍ରିରଙ୍ଗା

ତ୍ରିରଙ୍ଗା ଆମର ଜାତୀୟ ପତାକା
ଫରଫର ଉଡେ ପବନେ
ତ୍ରୟ ସମାବେଶ ରଙ୍ଗରେ ତିଆରି
ଦେଶ ପ୍ରେମ ଭରେ ହୃଦ ସ୍ପନ୍ଦନେ।
ନାରଙ୍ଗୀ, ଧଳା ଓ ସବୁଜ ବର୍ଣ୍ଣ
ତା' ମଧ୍ୟେ ଅଶୋକ ଚକ୍ର
ଏହି ଧ୍ୱଜା ଆମ ପ୍ରେରଣାର ଉତ୍ସ
ମୁକ୍ତ ଆକାଶେ ଉଡ୍ଡୀୟ ମାନ।
ତ୍ରିରଙ୍ଗା ଆମର ହୃଦର ସ୍ପନ୍ଦନ
ଐତିହ୍ୟର ପୁଣ୍ୟ ଇସ୍ତାହାର
କେତେ ଇତିହାସ ତ୍ୟାଗ ବଳିଦାନ
ତ୍ୟାଗେ ଜରଜର ତ୍ରିରଙ୍ଗା ଶରୀର।
ଫରଫର ଉଡ଼େ ସମରୀର ସ୍ରୋତେ
ଜାତିକାନେ ଫୁଙ୍କେ ବିଜୟ ସ୍ୱନ
ଅସୀମ ପ୍ରେରଣା ମୂଳ ଉତ୍ସ ରୂପେ
ତ୍ରିରଙ୍ଗା ଆମରି ଗୌରବ ଚିହ୍ନ।

**– ରମାକାନ୍ତ ଦାସ**
ନନ୍ଦିଗ୍ରାମ, ନାଉଗାଁ, ଜଗତ୍‌ସିଂହପୁର
ମୋ:୯୬୬୮୮୧୫୩୬୯

## ଗଣତନ୍ତ୍ର ଦିବସ

ଗଣତନ୍ତ୍ର ଦିନ ଆସିଛି
ସାଜସଜ୍ଜା ଖାଲି ଚାଲିଛି
ପ୍ରଭାତଫେରିର ସ୍ଲୋଗାନ ଶୁଭୁଛି
ଚଉଦିଗ ଗର୍ବେ ହସୁଛି।
ତ୍ରିରଙ୍ଗା ପତାକା ଉଡ଼ଇ
ସମତାର ଫୁଲ ଝରାଇ
ଧର୍ମନିରପେକ୍ଷ ମୈତ୍ରୀର ଭାବ
ପଞ୍ଚଶୀଳନୀତି ବାଣ୍ଟଇ।
ସମ୍ବିଧାନ କହେ ଗରବେ
ଏକଜାତି ଏଠି ସରବେ
ସର୍ବେ ଭାରତୀୟ ଭାଷା ଭିନ୍ନେ ଥାଉ
ଏକ ଭ୍ରାତୃଭାବ ମରମେ।
ବାବା ସାହେବଙ୍କ ସପନ
ସମ୍ବିଧାନେ ଅଛି ଗୋପନ
ନୀତି ନିଷ୍ଠ ଭାବେ ପାଳନ କରିଲେ
ଦେଶର ବଢିବ ସମ୍ମାନ।

**– ଶିବ ପ୍ରସାଦ ରାଉତ**
ବଛୁଦା, ବାସୁଦେବପୁର, ଭଦ୍ରକ
ମୋ: ୮୧୪୪୨୨୮୧୧୫

## ଭୁଲିବାନି ଏଇ ଦିନ

ପରାଧୀନତାର ଶିକୁଳି ଛିଡାଇ
ମୁକତି ପାଇଲା ଦେଶ
ଆମକୁ ମିଳିଲା ଆମରି ଶାସନ
ଜୁଲମ ହୋଇଲା ଶେଷ।
ସଭିଙ୍କୁ ମିଳିଲା ସ୍ୱାଧୀନତା ସୁଖ
ଉଡିଲା ତ୍ରିରଙ୍ଗା ନେତ
ଗଢାହେଲା ପୁଣି ସାଧାରଣତନ୍ତ୍ର
ମଜଭୁତ ହେଲା ହାତ।
ଦେଶ ଇତିହାସେ ଲେଖା ଚିରକାଳ



ଏଇ ଦିବସର ଗାଥା
ଆସ ମିଳି ମିଶି ପତାକା ଉଡ଼ାଇ
ନୁଆଁଇବା ଆମ ମଥା।
ଆମେ ଭାରତୀୟ ସଦା ଶାନ୍ତି ପ୍ରିୟ
ଭୁଲିବାନି ଏଇ ଦିନ
ଜାନୁଆରୀ ମାସ ତାରିଖ ଛବିଶ
ରଖିଅଛି ସ୍ମୃତି ଚିହ୍ନ।

**– ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ଦିନକରେ ୬,୯୩୧ କ୍ୟୁବ୍

କ୍ୟୁବ୍ ସମାଧାନ କରିବା ପାଇଁ ଅନେକେ ପସନ୍ଦ କରନ୍ତି। କିନ୍ତୁ ଏହି କାମ ବି ବେଳେବେଳେ ଲୋକଙ୍କୁ ରେକର୍ଡର ଅଧିକାରୀ କରାଇଥାଏ। ଏମିତି ଏକ ଭିନ୍ନ ଧରଣର ରେକର୍ଡ କରିଛନ୍ତି ଆମେରିକାର ଜର୍ଜ ସ୍କୋଲେ। ମାତ୍ର ୨୪ ଘଣ୍ଟା ମଧ୍ୟରେ ସେ ମୋଟ ୬,୯୩୧ଟି କ୍ୟୁବ୍ ସମାଧାନ କରିପାରିଛନ୍ତି। ତେଣୁ

ଗୋଟିଏ କ୍ୟୁବ୍ ସମାଧାନ କରିବା ନିମନ୍ତେ ତାଙ୍କୁ ହାରାହାରି ୧୨ ସେକେଣ୍ଡ ଲାଗିଥିଲା। ଏହି କାମ କରିବା ପାଇଁ ସେ ଲଣ୍ଡନର ଏକ ହୋଟେଲ ରୁମ୍‌କୁ ବାଛିଥିଲେ। ପ୍ରଥମ ୧ ଘଣ୍ଟା ମଧ୍ୟରେ ସେ ୩୨୭ଟି ଓ ତା'ର ୮ ଘଣ୍ଟା ପରେ ୩,୫୦୦ କ୍ୟୁବ୍ ସମାଧାନ କରି ପାରିଥିଲେ। ଶେଷରେ ୨୪ ଘଣ୍ଟା ପରେ ଏତେ



ସଂଖ୍ୟକ କ୍ୟୁବ୍ ସମାଧାନ କରି ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଜର୍ଜ ସ୍କୋଲେଙ୍କ ପୂର୍ବରୁ ଏଭଳି ଏକ ରେକର୍ଡ କରିଥିଲେ ଏରିକ୍ ଲାଇମବ୍ୟାକ୍। ୨୪ ଘଣ୍ଟାରେ ସେ ୫,୮୦୦ଟି କ୍ୟୁବ୍ ସମାଧାନ କରିଥିଲେ।

## ଏଥରର ?

- ଜାତିର ପିତା କିଏ ?
- ଭାରତର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ନାମ ?
- ଜାତୀୟ ସଙ୍ଗୀତ କିଏ ରଚନା କରିଛନ୍ତି ?
- ଭାରତରେ ପ୍ରଥମ ମୋଗଲ ସମ୍ରାଟଙ୍କ ନାମ ?
- ଭାରତରେ ପ୍ରଥମେ କେଉଁ ମସିହାରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା ?

## ଗତଥରର ଉତ୍ତର

- ବିମ୍ବିସାର
- ମହାବୀର
- ଦାଣ୍ଡି ଯାତ୍ରା
- ୧୯୪୨
- ଭିଟାମିନ୍-ସି

## କହିଲ ଦେଖି

ଭେଦଭାବ ଭୁଲି ଭାରତବାସୀ
ଏ ପର୍ବ ପାଳନ୍ତି ଆନନ୍ଦେ ହସି
ସମ୍ବିଧାନ ପାଇଁ ଏହି ଦିବସ
ମନେ ଭରିଦିଏ ହର୍ଷ ଉଲ୍ଲାସ
ଜାନୁଆରୀ ଛବିଶ କୁହତ ମିତ
କେଉଁ ଦିବସରେ ସିଏ ନାମିତ ।

ଉତ୍ତର– **ସାଧାରଣତନ୍ତ୍ର ଦିବସ**




ନେତଟିଏ ସିଏ ତିନି ରଙ୍ଗର
ଆକାଶେ ଉଡଇ ସେ ଫର ଫର
ନାରଙ୍ଗୀ ଧବଳ ସବୁଜ ରଙ୍ଗେ
ଚକ୍ରଟିଏ ଥାଏ ତା'ମଧ୍ୟ ଭାଗେ
ସଭିଏଁ କରନ୍ତି ତାକୁ ଜୁହାର
ଏବେ କହିଦିଅ ନାମଟି ତା'ର ।

ଉତ୍ତର– **ଜାତୀୟ ପତାକା**



ଭୀମରାଓ ରାମଜୀ ଆମ୍ବେଦକର
ଲେଖିଥିଲେ ତାକୁ ହୋଇ ତତ୍ପର
ଶାସନ ଆଇନ ନୀତି ନିୟମ
ସଭିଏଁ କରନ୍ତି ତାକୁ ପାଳନ
ତା'ପାଇଁ ଆମରି ପୁଣ୍ୟ ଭାରତ
ଗଣତନ୍ତ୍ର ରାଷ୍ଟ୍ରେ ହେଲା ବିଖ୍ୟାତ
ପ୍ରଶାସନ ଚାଲେ ତାକୁ ଆଦରି
ଏବେ କହିଦିଅ ନାମ ତାହାରି ।

ଉତ୍ତର– **ସମ୍ବିଧାନ**





**– ସ୍ୱୟଂପ୍ରଭା ବେହେରା**
ବିଡ଼ାନାସୀ, କଟକ
ମୋ: ୯୭୭୭୫୨୯୨୭୬



# ସମ୍ବିଧାନ ପ୍ରଣେତା
## ଭୀମରାଓ ଆମ୍ବେଡ୍‌କର

ବିନମାଳୀପୁର ହାଇସ୍କୁଲରେ ସାଧାରଣତନ୍ତ୍ର ଦିବସ ପାଳନ କରିବା ଉଦ୍ଦେଶ୍ୟରେ ସ୍କୁଲର ପ୍ରଧାନ ଶିକ୍ଷକ ଏକ ଷ୍ଟାଫ୍ ମିଟିଂ କରିଥିଲେ। ଏଥିରେ ଶିକ୍ଷକମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲ। ଜଣେ ସାର୍‌ଙ୍କୁ ପିଲାମାନଙ୍କ ମଧ୍ୟରେ ସମ୍ବିଧାନର ପ୍ରଣେତା ଆମ୍ବେଡ୍‌କରଙ୍କ ବିଷୟରେ ବକ୍ତୃତା ପ୍ରତିଯୋଗିତା କରାଇବା ଦାୟିତ୍ୱ ଦିଆଗଲା। ତା'ପରଦିନ ସେ ଆଗ୍ରହୀ ଛାତ୍ରୀଛାତ୍ରଙ୍କୁ ଡକାଇ ସେମାନଙ୍କ ସହ ଆଲୋଚଂନା କରିଥିଲେ। ତା'ସହ ବକ୍ତୃତା ପ୍ରସ୍ତୁତ କରିବାକୁ ପିଲାମାନଙ୍କୁ କିଛି ଟିପ୍ସ ମଧ୍ୟ ଦେଇଥିଲେ। ସାର୍ କହିଲେ, ଭାରତର ସମ୍ବିଧାନ ୨୬ ଜାନୁଆରୀ ୧୯୫୦ ମସିହାରେ ପ୍ରଣୟନ କରାଯାଇଥିଲା। ଡ. ଭୀମରାଓ ଆମ୍ବେଡ୍‌କରଙ୍କ ଅଧ୍ୟକ୍ଷତାରେ ୭ ଜଣିଆ କମିଟି ଗଠନ ହୋଇଥିଲା। ତାକୁ ଡ୍ରାଫ୍ଟ କମିଟି କୁହାଗଲା। ଆଲାଦି କ୍ରିଷ୍ଣାସ୍ୱାମୀ ଆୟାର,ଗୋପାଳସ୍ୱାମୀ ଆୟାଙ୍ଗାର ପ୍ରମୁଖ ସଭ୍ୟ ଥିଲେ। ସମ୍ବିଧାନ ପ୍ରସ୍ତୁତ ପାଇଁ ୧୬୫ଦିନ କମିଟି ସଭା ହୋଇଥିଲା। ହାତଲେଖା ମୂଳ ସମ୍ବିଧାନଟି ୨୫୧ପୃଷ୍ଠା ବିଶିଷ୍ଟ ହୋଇ ୨୨ଇଞ୍ଚ ଦୈର୍ଘ୍ୟ ଓ ୧୬ଇଞ୍ଚ ଓସାର ଥିଲା।




ସୁବ୍ରତ କହିଲା– ସାର୍! ବର୍ତ୍ତମାନ ଆମକୁ ଆମ୍ବେଡ୍‌କରଙ୍କ ବାଲ୍ୟଜୀବନୀ ବିଷୟରେ କିଛି କୁହନ୍ତୁ। ସାର୍ କହିଲେ, ‘‘ଆମ ସମ୍ବିଧାନର ପ୍ରଣେତା ଆମ୍ବେଡ୍‌କରଙ୍କ ଜନ୍ମ ୧୪ଏପ୍ରିଲ ୧୮୯୧ରେ ମହାରାଷ୍ଟ୍ରର ମୋଓହା କ୍ୟାଣ୍ଟନମେଣ୍ଟ(ବର୍ତ୍ତମାନ ଏହା ଡ.ଆମ୍ବେଡକର ନଗର ଭାବରେ ପରିଚିତ) ରେ ହୋଇଥିଲା। ତାଙ୍କ ବାପାଙ୍କ ନାମ ଥିଲା ରାମଜୀ ମାଲୋଜୀ ଶକପାଲ୍। ସେ ଇଂରେଜ ସୈନ୍ୟ ବିଭାଗର ସୁବେଦାର ଥିଲେ। ମା'ଙ୍କ ନାମ ଥିଲା ଭୀମାବାଈ ଶକ୍‌ପାଲ୍। ମା'ବାପାଙ୍କର ସେ କନିଷ୍ଠ ସନ୍ତାନ ଥିଲେ। ପିଲାଦିନେ ତାଙ୍କର ପୂରା ନାମ ଥିଲା ଭୀମରାଓ ରାମୋଜୀ ଶକ୍‌ପାଲ। ଭୀମରାଓଙ୍କୁ ଯେତେବେଳେ ୫ବର୍ଷ ହୋଇଥିଲା, ତାଙ୍କ ବାପା ତାଙ୍କୁ ସାତୋରା ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଥିଲେ। ଭୀମରାଓ ଜଣେ ଦଳିତ ହରିଜନ ସମ୍ପ୍ରଦାୟର ପିଲା ହୋଇଥିବା ଯୋଗୁ ତାଙ୍କୁ ଶ୍ରେଣୀଗୃହର ଅନ୍ୟ ପିଲାଙ୍କ ସହ ନ ବସାଇ ଅଲଗା ପଛରେ ବସାଯାଉଥିଲା। ତାଙ୍କୁ ଶୋଷ ଲାଗିଲେ ଜଣେ ଚପରାସୀ (ପିଅନ) ଙ୍କ ସାହାଯ୍ୟରେ ହାଣ୍ଡିରୁ ପାଣି କାଢ଼ି ତାଙ୍କ ହାତ ଆଞ୍ଜୁଳାରେ ଢାଳିଲେ ସେ ପିଉଥିଲେ। ବିଦ୍ୟାଳୟ ଖେଳ ପ୍ରତିଯୋଗିତାରେ ତାଙ୍କୁ ପରାଜିତ କରିବା ପାଇଁ ଖେଳପଡ଼ିଆରେ ସେ ଦୌଡ଼ିବା ଟ୍ରାକ୍‌ରେ କଣ୍ଟା ପକାଇ ଦିଆଯାଉଥିଲା। ପରୀକ୍ଷାରେ ସମ୍ପୂର୍ଣ୍ଣ ଠିକ୍ ଉତ୍ତର ଦେଉଥିଲେ ମଧ୍ୟ ଠିକ୍ ଉତ୍ତରକୁ କାଟି କମ୍ ମା । କ ଦିଆଯାଉଥିଲା। ହେଲେ ତାଙ୍କ ମା'ବାପା ଏସବୁ ଜାଣି ସୁଦ୍ଧା ଭୀମରାଓଙ୍କୁ ଧୈର୍ଯ୍ୟ ଓ ସାହସ ଦେଉଥିଲେ। ମହାଦେବ ଆମ୍ବେଡ୍‌କର ଗୁରୁଜୀ ତାଙ୍କୁ ଏତେ ଭଲ ପାଉଥିଲେ ଯେ ଭୀମରାଓଙ୍କ ଘର ନାମ କଟାଇ ତାଙ୍କର ନାମକୁ ଯୋଡ଼ିଦେଇଥିଲେ। ସେଦିନଠାରୁ ଭୀମରାଓଙ୍କ ନାମ ହେଲା ଭୀମରାଓ ରାମୋଜୀ ଆମ୍ବେଡ୍‌କର। କିନ୍ତୁ ଅତ୍ୟନ୍ତ ଦୁଃଖର କଥା, ଭୀମରାଓଙ୍କୁ ଯେତେବେଳେ ୬ ବର୍ଷ ହୋଇଥିଲା ତାଙ୍କ ମା'ଙ୍କର ଅକାଳ ମୃତ୍ୟୁ ହେଲା। ତାଙ୍କ ବାପା ପିଲାମାନଙ୍କର ତତ୍ତ୍ୱାବଧାନ ପାଇଁ ଜିଜାବାଈ ନାମ୍ନୀ ମହିଳାଙ୍କୁ ବିବାହ କରିଥିଲେ। କିନ୍ତୁ ପିଲାମାନେ ସାବତ ମା'ର ଯନ୍ତ୍ରଣା ଭୋଗୁଥିଲେ ମଧ୍ୟ ଆଦୌ ଜଣାପଡୁ ନ ଥିଲା। ଭୀମରାଓଙ୍କୁ ପାଠ ପଢ଼ାଇବା ନେଇ ସେତେବେଳେ ସବର୍ଣ୍ଣ ଏବଂ ଅସବର୍ଣ୍ଣ ଭେଦଭାବ ଏତେ ପ୍ରବଳ ଥିଲା ଯେ, ସର୍ବସାଧାରଣରେ ଭୀମରାଓଙ୍କ ପରିବାର ସଦସ୍ୟଙ୍କୁ ଚାଲିବାକୁ ବାରଣ କରାଯାଉଥିଲା। ସେ କୌଣସି ପରୀକ୍ଷାରେ ପ୍ରଥମ ବ୍ୟତୀତ ତଳ ପାହାଚକୁ ଯାଇନାହାନ୍ତି। ତାଙ୍କର ବିଦ୍ୟାର୍ଜନ ଆଗ୍ରହ ଦେଖି ବରୋଦା ରାଜା ଶିବାଜୀ ରାଓ ଗାଏକ୍ୱାର୍ଡ ତାଙ୍କୁ ବ୍ରିଟେନ୍, ଆମେରିକାକୁ ଉଚ୍ଚଶିକ୍ଷା ପାଇଁ ପଠାଇଥିଲେ। ଏଭଳି ପାଠ ପଢ଼ି ସେ ୩୨ଟି ଡିଗ୍ରୀ ହାସଲ କରିଥିଲେ, ଯାହାକି ବିଶ୍ୱର ପ୍ରଥମ।

ପରବର୍ତ୍ତୀ ସମୟରେ ସେ ଓକିଲାତିକରି ବହୁ ଗରିବ, ଅସହାୟ, ଦଳିତ ଲୋକଙ୍କର ମକଦ୍ଦମା ଲଢ଼ି ସେମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିଥିଲେ। ସେଭଳି ମହାନ୍ ବ୍ୟକ୍ତିଙ୍କ ମୃତ୍ୟୁ ୬ ଡିସେମ୍ବର ୧୯୫୬ରେ ହୋଇଥିଲା। ଦେଶ ପ୍ରତି ତାଙ୍କର ମହାନ୍ ଅବଦାନ ପାଇଁ ତାଙ୍କୁ ୧୯୯୦ରେ ମରଣୋତ୍ତର ଭାବରେ ଭାରତ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ସେହି ମହାନ୍ ଆତ୍ମାଙ୍କୁ ଆମେ ୨୬ ଜାନୁଆରୀ ଜାତୀୟ ଦିବସରେ ସ୍ମରଣକରି ଧନ୍ୟ ମଣୁଛୁ।

*– **ବିନୋଦ ଚନ୍ଦ୍ର ଜେନା,** ଭିକ୍ଟୋରି କଲୋନି, ପାରଳାଖେମୁଣ୍ଡି, ଗଜପତି*
*ମୋ : ୭୭୩୫୨୨୨୭୧୩*

# ସାଧାରଣତନ୍ତ୍ର ଦିବସ : କିଛି ରୋଚକ କଥା

**ପ୍ରତିବର୍ଷ ଜାନୁଆରୀ ୨୬ ତାରିଖରେ ଆମ ଦେଶରେ ସାଧାରଣତନ୍ତ୍ର ଦିବସ ପାଳନ ହୁଏ। ଏହା ଦେଶର ରାଷ୍ଟ୍ରୀୟ ପର୍ବ। ଏହିଦିନ ଭାରତ ସମ୍ବିଧାନ ଲାଗୁ ହୋଇଥିଲା। ଜାଣନ୍ତୁ ଗଣତନ୍ତ୍ର ଦିବସ ସମ୍ପର୍କରେ ରୋଚକ କଥା...**

- ଆଜିର ଦିନରେ ଦେଶର ରାଜଧାନୀ ଦିଲ୍ଲୀର କର୍ତ୍ତବ୍ୟପଥରେ ପରେଡ୍ ଆୟୋଜିତ ହୁଏ। ଅଲଗା ଅଲଗା ରାଜ୍ୟର ପ୍ରଜ୍ଞାପନ ମେଢ଼ ଦେଖିବାକୁ ମିଳିଥାଏ। ଉକ୍ତ ପରେଡ୍‌ରେ ଦେଶର ତିନୋଟି ସୈନ୍ୟବାହିନୀ ଯେମିତିକି ସ୍ଥଳବାହିନୀ, ଜଳବାହିନୀ, ବାୟୁସେନା ସାମିଲ ହୋଇଥାନ୍ତି। ଦେଶର ରାଷ୍ଟ୍ରପତି ତ୍ରିରଙ୍ଗା ପତାକା ଉଡ଼ାଇଥାନ୍ତି। ଏହାସହ ୨୧ ତୋପସଲାମି ମଧ୍ୟ ଦିଆଯାଏ। ଏହି ବର୍ଷ ଦେଶ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ କରିବାକୁ ଯାଉଛି।
- ଭାରତର ସମ୍ବିଧାନ ୨୬ନଭେମ୍ବର ୧୯୪୯ରେ ସମ୍ବିଧାନ ସଭା ଦ୍ୱାରା ଗୃହୀତ ହୋଇଥିଲା ଏବଂ ଏହାକୁ ୨୬ ଜାନୁଆରୀ ୧୯୫୦ରେ ପ୍ରଣୟନ କରାଯାଇଥିଲା। ଏଥିପାଇଁ ପ୍ରତିବର୍ଷ୨୬ ଜାନୁଆରୀକୁ ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରାଯାଏ।
- ଦେଶର ପ୍ରଥମ ଗଣତନ୍ତ୍ର ଦିବସ ପରେଡ୍ ୧୯୫୦ରେ ଆୟୋଜିତ ହୋଇଥିଲା। ଏହା ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମରେ ହୋଇଥିଲା। ଏହି ପରେଡ୍‌ରେ ୩ ହଜାର ଭାରତୀୟ ସୈନ୍ୟ ଏବଂ ୧୦୦ରୁ ଅଧିକ ବିମାନ ଭାଗ ନେଇଥିଲେ।
- ଗଣତନ୍ତ୍ର ଦିବସ ପରେଡ୍‌ରେ ପ୍ରତିବର୍ଷ କୌଣସି ଅନ୍ୟ ଦେଶର ନେତାଙ୍କୁ ମୁଖ୍ୟ ଅତିଥି ରୂପରେ ଆମନ୍ତ୍ରିତ କରାଯାଏ। ୧୯୫୦ରେ ପାଳିତ ଏହି ଦିବସରେ ପ୍ରଥମ ମୁଖ୍ୟ ଅତିଥି ଥିଲେ ଇଣ୍ଡୋନେସିଆ ରାଷ୍ଟ୍ରପତି ସୁକର୍ଣ୍ଣୋ।
- କର୍ତ୍ତବ୍ୟପଥରେ ପ୍ରଥମ ପରେଡ୍ ୧୯୫୫ରେ କରାଯାଇଥିଲା। ବର୍ତ୍ତମାନ ଏହି କର୍ତ୍ତବ୍ୟପଥ ରାଜପଥ ନାମରେ ଜଣାଶୁଣା। ସେ ସମୟରେ ମୁଖ୍ୟ ଅତିଥି ରୂପେ ପାକିସ୍ତାନର ଗଭର୍ନର ଜେନେରାଲ ମଲିକ୍ ଗୁଲାମ ମହମ୍ମଦ ଥିଲେ।
- ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସରେ ବିଦେଶର ଜଣେ ରାଷ୍ଟ୍ରମୁଖ୍ୟ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥାଆନ୍ତି। ଏହି ସମୟରେ ଉକ୍ତ ଦେଶ ସହ ଆମ ଦେଶର ସମ୍ପର୍କ ଉପରେ ବିଷଦ ଭାବରେ ତର୍ଜମା କରାଯାଇ ଭାରତର ବୈଦେଶିକ ମନ୍ତ୍ରଣାଳୟ ଶେଷ ନିଷ୍ପତି ନେଇଥାଆନ୍ତି।
- ଏହି ଦିବସ ପରେଡ୍‌ରେ ଭାଗ ନେଉଥିବା ପ୍ରତ୍ୟେକ ସୈନ୍ୟଙ୍କ ଚାରିତ୍ରରର ସୁରକ୍ଷା ଯାଞ୍ଚ ହୋଇଥାଏ।








# ଆ ଇ ନା



ଶୁଭଲକ୍ଷ୍ମୀ ସାହୁ
୧୧ ବର୍ଷ/ ପୁରୀ



ମୟଙ୍କ ପ୍ରିୟଦର୍ଶୀ
୩ ବର୍ଷ/ଭୁବନେଶ୍ୱର